# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 24th October - 2025
***********************************

*Desk*

## ପି.ଏମ୍. ନିଯୁକ୍ତିମେଳା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନ ୧୧ଟାରେ ୫୧ ହଜାରରୁ ଅଧିକ ନୂଆକରି ସରକାରୀ ଚାକିରି ପାଇଥିବା ଯୁବକ ଯୁବତୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବେ। ଡାକ ବିଭାଗ ସହିତ କେନ୍ଦ୍ର ସରକାରଙ୍କ ଭିନ୍ନ ଭିନ୍ନ ବିଭାଗରେ ନୂଆକରି ଚାକିରି ପାଇଥିବା ଯୋଗ୍ୟ ପ୍ରାର୍ଥୀମାନଙ୍କୁ ନିଯୁକ୍ତିପତ୍ର ବାଣ୍ଟିବେ । ଆଭାସୀ ଜରିଆରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସହିତ ଦେଶର ୪୦ଟି ସ୍ଥାନରେ ନିଯୁକ୍ତିମେଳାର ଆୟୋଜନ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଏହା ସପ୍ତଦଶ ରୋଜଗାର ମେଳା । ଭୁବନେଶ୍ୱର ରେଳ ଅଡିଟୋରିୟମଠାରେ ନିଯୁକ୍ତିମେଳାରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଯୋଗଦେଇ ନିଯୁକ୍ତିପତ୍ର ବଣ୍ଟନ କରିବେ ।

*Desk*

## ଆଳୁଚାଷ

ରାଜ୍ୟକୁ ଆଳୁ କ୍ଷେତ୍ରରେ ଆତ୍ମନିର୍ଭର କରିବା ଅଭିଯାନରେ ଚଳିତ ବର୍ଷ ସରକାର ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଏକର ଜମିରେ ଆଳୁଚାଷ ନିମନ୍ତେ

ଯୋଜନା କରିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ନଭେମ୍ବର ମାସ ପ୍ରଥମ ସପ୍ତାହରେ ଆଳୁ ବିହନ ଯୋଗାଣ ପାଇଁ ବିଭାଗ ପକ୍ଷରୁ ପ୍ରସ୍ତୁତି ହୋଇଛି । ବ୍ଲକ୍‌ସ୍ତରରେ ଚାହିଦା ଅନୁଯାୟୀ ଆଳୁ ବିହନ ଯୋଗାଣ କରାଯିବ । ଏହାବ୍ୟତୀତ ୬ ହଜାର ହେକ୍ଟର ଜମିରେ ପିଆଜ ଚାଷ, ୧ ହଜାର ହେକ୍ଟର ଜମିରେ ଲଙ୍କା, ୩୦୦ ହେକ୍ଟର ଜମିରେ ରସୁଣ ଚାଷପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ବୈଠକରୁ ଜଣାପଡ଼ିଛି ।

***Desk***

## ଡାଲିଜାତୀୟ ଫସଲ

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ସଘନ କୃଷି କାର୍ଯ୍ୟକ୍ରମ ଉପରେ ଅନୁଷ୍ଠିତ ବୈଠକରେ ବିଲୁପ୍ତପ୍ରାୟ ଖାଦ୍ୟଶସ୍ୟର ପୁନରୁଦ୍ଧାର ବିଷୟରେ ଆଲୋଚନା ହୋଇଛି । ପ୍ରଧାନମନ୍ତ୍ରୀଙ୍କ ଡାଲିଜାତୀୟ ଫସଲରେ ଆତ୍ମନିର୍ଭର ହେବା ଆହ୍ୱାନରେ’ ରାଜ୍ୟରେ କ୍ଲଷ୍ଟର ପଦ୍ଧତି ମାଧ୍ୟମରେ ହରଡ, କଳାଚଣା ଏବଂ ଅନ୍ୟାନ୍ୟ ଡାଲିଜାତୀୟ ଫସଲ ଚାଷକୁ ପ୍ରୋତ୍ସାହିତ କରିବାକୁ ନିଷ୍ପତ୍ତି ନିଆଯାଇଛି ।

ବିକଶିତ ହରଡ଼ କିସମ ସହିତ ଡଙ୍ଗରରାଣୀ ଏବଂ କାନ୍ଦୁଲ ଭଳି ପାରମ୍ପରିକ କିସମ ମଧ୍ୟ ଚାଷ କରିବାକୁ ପରାମର୍ଶ ଦିଆଯାଇଛି । ବୈଠକରେ

ଶ୍ରୀ ସିଂହଦେଓ ରାଜ୍ୟକୁ ଏକ ବିହନ କେନ୍ଦ୍ର କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

***Nuapada/R***

# ନୂତନ ଶିକ୍ଷା ବ୍ୟବସ୍ଥା

ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ସରକାରଙ୍କ ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ରହିଥିବା ପରୀକ୍ଷା ବ୍ୟବସ୍ଥା ନୂତନ ଶିକ୍ଷାନୀତିପାଇଁ ସହାୟକ ହେବ । ପରୀକ୍ଷା ବ୍ୟବସ୍ଥାଦ୍ୱାରା ଛାତ୍ରଛାତ୍ରୀଙ୍କ ଶିକ୍ଷାର ମାନ ବୃଦ୍ଧି ସହ ପରବର୍ତ୍ତୀ ଶ୍ରେଣୀଗୁଡ଼ିକରେ ଦେଖାଦେଉଥିବା ସମସ୍ୟାର ଦୂରୀଭୂତ ହେବ ବୋଲି ନୂଆପଡ଼ାଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଶ୍ରୀ ଗଣ୍ଡ କହିଛନ୍ତି ।

***Voice (Nityanand Gond)*** :........

***Jharsuguda/R***

# ବ୍ୟାଙ୍କ୍ ଜମାରାଶି ସୁରକ୍ଷା

ସୁନ୍ଦରଗଡ଼ଠାରେ ଆଜି ବ୍ୟାଙ୍କ୍ ଜମାରାଶି ସୁରକ୍ଷା ସମ୍ବନ୍ଧରେ ଏକ ସଚେତନତା ଶିବିର ପୂର୍ବାହ୍ନ ୧୦ଟା ସମୟରେ ସ୍ଥାନୀୟ ସଂସ୍କୃତି ଭବନରେ ଆୟୋଜନ କରାଯାଇଛି । 'ଆପଣଙ୍କ ପୁଞ୍ଜି, ଆପଣଙ୍କ ଅଧିକାର' ଶୀର୍ଷକ ଏହି ଆଲୋଚନାରେ ଦାବିଦାର ନ ଥିବା ଜମାଖାତାର ଅର୍ଥରାଶି ପ୍ରଦାନ ସହିତ

ବ୍ୟାଙ୍କଗୁଡ଼ିକରେ ଦାବିଦାର ନ ଥିବା ଖାତାଗୁଡ଼ିକ ବାବଦରେ ବ୍ୟାଙ୍କ୍ କର୍ତ୍ତୃପକ୍ଷ ସୂଚନା ଦେବେ ।

***Kalahandi/R***

# ଜନଜାତି ଯୁବ ଆଦାନ ପ୍ରଦାନ

କଳାହାଣ୍ଡି ଜିଲ୍ଲା ସଦର ମହକୁମା ଭବାନୀପାଟଣାଠାରେ ୧୭ତମ ଜନଜାତି ଯୁବ ଆଦାନ ପ୍ରଦାନ କାର୍ଯ୍ୟକ୍ରମ ଯାତ୍ରାର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି । ମଦନପୁର-ରାମପୁର ବ୍ଲକ୍‌ର ୨୦ ଜଣ ଯୁବକ ଯୁବତୀ ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ମୁମ୍ବାଇଠାରେ ଚଳିତ ମାସ ୨୭ ତାରିଖରୁ ହେବାକୁ ଥିବା ଜାତୀୟ ସ୍ତରର କାର୍ଯ୍ୟକ୍ରମରେ ଯୋଗଦେବାପାଇଁ ଯାତ୍ରା କରିଛନ୍ତି । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଯୁବକ ଯୁବତୀମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ୍ କରିବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ଜନଜାତି ଯୁବ ଆଦାନ ପ୍ରଦାନ କାର୍ଯ୍ୟକ୍ରମ କରାଯାଉଛି ।

***Kandhamal/R***

# ସଡ଼କ ସୁରକ୍ଷା କମିଟି ବୈଠକ

ଫୁଲବାଣୀଠାରେ ଜିଲ୍ଲାପାଳ ବେଦଭୂଷଣଙ୍କ ଅଧ୍ୟକ୍ଷତାରେ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ରୂପରେଖ ଏବଂ କାର୍ଯ୍ୟାନ୍ୱୟନ ଉପରେ ଆଲୋଚନା ହୋଇଥିଲା ।

ଦୁର୍ଘଟଣାପ୍ରବଣ ସ୍ଥାନଗୁଡ଼ିକୁ ଚିହ୍ନଟ କରି ଯାନବାହନ ଚଳାଚଳ ନିୟନ୍ତ୍ରଣ ଉପରେ ଲୋକମାନଙ୍କୁ ସଚେତନ କରାଇବାପାଇଁ ପୁଲିସ୍ ଏବଂ ପରିବହନ ବିଭାଗ ପକ୍ଷରୁ ବିହିତ ପଦକ୍ଷେପ ନେବାପାଇଁ ଆଲୋଚନା ହୋଇଥିଲା ।

*Malkangiri/R*

# ଶିଶୁମିତ୍ର ଥାନା

ମାଲକାନଗିରି ଜିଲ୍ଲାର ଓର୍‌କେଲ୍ ଥାନାରେ ଏକ ଶିଶୁମିତ୍ର ପୁଲିସ୍ ଥାନାକୁ ଗତକାଲି ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ୍ ଉଦ୍‌ଘାଟନ କରିଛନ୍ତି । ଯେଉଁ ମହିଳାମାନେ ସେମାନଙ୍କ ଛୋଟ ଛୁଆଙ୍କୁ ନେଇ ଅଭିଯୋଗପାଇଁ ଥାନାକୁ ଆସିବେ, ସେମାନେ ପିଲାମାନଙ୍କ ସହିତ ଶିଶୁ ଉଦ୍ୟାନରେ ସମୟ ଅତିବାହିତ କରିପାରିବେ ବୋଲି ଶ୍ରୀ ପାଟିଲ୍ କହିଛନ୍ତି । ଶିଶୁମିତ୍ର ପୁଲିସ୍ ଥାନାରେ ଛୋଟପିଲାମାନଙ୍କ ପାଇଁ ବହି, ଖେଳନା ଏବଂ ମା'ମାନେ ସେମାନଙ୍କ ପିଲାଙ୍କୁ ସ୍ତନ୍ୟପାନ କରାଇବାପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠର ବ୍ୟବସ୍ଥା ରହିଛି ।

*Malkangiri/R*

# ସୁରଭି

ମାଲକାନଗିରି ଜିଲ୍ଲାର କୋରୁକୋଣ୍ଡା ଉଚ୍ଚ ପ୍ରାଥମିକ ନୋଡାଲ୍ ବିଦ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ

ହୋଇଯାଇଛି । ଏଥିରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଶିଶୁମାନଙ୍କ ଅନ୍ତର୍ନିହିତ କଳାର ବିକାଶପାଇଁ ଏହା ଏକ ଉତ୍ତମ ମାଧ୍ୟମ ବୋଲି ପ୍ରକାଶ କରିଥିଲେ ।

***Bhadrak/R***

## ଭଦ୍ରକାଳୀ

ଭଦ୍ରକ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀଙ୍କ ପୀଠରେ ଆଜି ପଞ୍ଚମ ଦିବସରେ ମା' ଜଗଦ୍ଧାତ୍ରୀ ବେଶରେ ଶ୍ରଦ୍ଧାଳୁମାନେ ଦର୍ଶନ ଦେଉଛନ୍ତି । ଜିଲ୍ଲାର ଚରମ୍ପା, ଚାନ୍ଦବାଲି, ବାସୁଦେବପୁର ଆଦି ପ୍ରମୁଖ ସ୍ଥାନରେ ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ବ୍ୟବସ୍ଥା କରାଯାଇଛି ।

***Desk***

## ବିଶ୍ୱ ପୋଲିଓ ଦିବସ

ଶିଶୁମାନଙ୍କୁ ପୋଲିଓ ରୋଗରୁ ରକ୍ଷା କରିବାପାଇଁ ଟିକାକରଣର ମହତ୍ତ୍ୱ ବିଷୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ପୋଲିଓ ଦିବସ ପାଳନ କରାଯାଉଛି । ପ୍ରଥମ ପୋଲିଓ ଟିକା ବିକଶିତ କରିବାରେ ନେତୃତ୍ୱ ନେଇଥିବା ଡକ୍ଟରୀ ଅନୁସନ୍ଧାନକାରୀ ଜୋଲସ୍ ସାଲକଙ୍କ ଜନ୍ମଦିନକୁ ସ୍ମରଣ ଉଦ୍ଦେଶ୍ୟରେ ରୋଟାରୀ ଇଣ୍ଟରନ୍ୟାସନାଲ୍ ପକ୍ଷରୁ ଏହି ଦିବସ ପାଳନ ପ୍ରଥମେ ଆରମ୍ଭ କରାଯାଇଥିଲା । ପୋଲିଓ ଏକ ଭୂତାଣୁଜନିତ ସଂକ୍ରାମକ ରୋଗ,

ମୁଖ୍ୟତଃ ୫ ବର୍ଷରୁ କମ୍ ପିଲାମାନେ ଏହି ରୋଗରେ ସଂକ୍ରମିତ ହୋଇଥା'ନ୍ତି । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି "End Polio : Every Child, Every Vaccine, Everywhere" - ସବୁଠାରେ ପ୍ରତି ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇ ପୋଲିଓ ଶେଷ କରିବା ।

*****